7036/COLBLN/2025
04.11.25

LAO 269

ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ କାର୍ଯ୍ୟାଳୟ
01 NOV 2025
ବଲାଙ୍ଗିର

# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ସାମାଜିକ ପ୍ରଭାବ ନିର୍ଧାରଣ ନିମନ୍ତେ ଘୋଷଣା

ସଂଖ୍ୟା **RDM-LAC-BOL-0002 -2023- 41260 /R&DM, ତା-** 01 NOV 2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ବଲାଙ୍ଗିର ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ପୌରପାଳିକା ୦୨ ଗୋଟି ମୌଜା ରେ ମୋଟ **ଏକର ୦.୨୭୫** ଡି. ( **ବଲାଙ୍ଗିର "କ"- ଏକର ୦.୦୭୮** ଡି., **ସାଲେପାଲି- ଏକର ୦.୧୯୭**ଡି.) ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗିର ଟାଉନ ରିଙ୍ଗ ରୋଡ ରାସ୍ତା ନିର୍ମାଣ ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠା ବିଭାଜନ), ବଲାଙ୍ଗିର ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ, ବଲାଙ୍ଗିର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

N.B. LAO

୧. ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନିତ କରାଯାଇଥିବା ପ୍ରସ୍ତାବିତ ଆବଶ୍ୟକ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥ ଅଟେ ।

୨. ଏହି ପ୍ରକଳ୍ପ ପାଇଁ ଆକଳନ କରାଯାଇଥିବା ଖର୍ଚ୍ଚଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

୩. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଅଛି ।

୪. ବଲାଙ୍ଗିର ଟାଉନ ରିଙ୍ଗ ରୋଡ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୨ ଗୋଟି ମୌଜା ରେ ମୋଟ ଏକର **୦.୨୭୫** ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ।

SRA, LA Sec. to put up

୫. ଉକ୍ତ ପ୍ରକଳ୍ପରେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି, ପ୍ରପୀଡିତ ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତିଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

୬. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ ।

୭. ପୂର୍ବରୁ ଏହି ମୌଜା ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ । ଏହି ପ୍ରକଳ୍ପ ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୮. ପ୍ରଭାବିତ ମୌଜାରେ ଜନ ଶୁଣାଣି ମଧ୍ୟ କରାଯାଇ ଅଛି । ଜିଲ୍ଲାପାଳ ବଲାଙ୍ଗିର ଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ ୫୧୨/ ୦୮.୦୮.୨୦୨୫ ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠା ବିଭାଜନ), ବଲାଙ୍ଗିର କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

୯. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ କରାଯିବ ।

କ୍ରମଶଃ

"୨"

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପ ଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

**ଟଫସିଲ- କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: - ବଲାଙ୍ଗିର** **ତହସିଲ: - ବଲାଙ୍ଗିର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣହେବାକୁ ଥିବା ଜମି ର ରକବା (ଏକରରେ ) | ରୟତଙ୍କନାମ |
|---|---|---|---|---|---|---|---|
| **ବଲାଙ୍ଗିର "କ"** | **ସହରାଞ୍ଚଳ** | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୦୭୮ | ଏଥି ସହିତ ସଂଲଗ୍ନ |
| **ସାଲେପାଲି** | **ସହରାଞ୍ଚଳ** | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୧୯୭ | ଏଥି ସହିତ ସଂଲଗ୍ନ |
| | | | | | ମୋଟ | ୦.୨୭୫ | |

ସର୍ବମୋଟ ଜାଗା ଏକର **୦.୨୭୫** ଡି.

ରାଜ୍ୟପାଳଙ୍କ ଆଦେଶକ୍ରମେ

ଦିଗନ୍ତ ରାଉତରାୟ

(ଦିଗନ୍ତ ରାଉତରାୟ)

ଅତିରିକ୍ତ ଶାସନ ସଚିବ

**Memo No.** 41261 **/R&DM** **dtd.** 01 NOV 2025

Copy forwarded to the Director, Printing Stationary & Publication, Odisha, Cuttack for information and necessary. He is requested to publish the Declaration in the next issue of the Odisha Gazette as this is a statutory one.

SRO Number may be allotted to this publication.

Sd/- 01/11/25

Under Secretary to Government

**Memo No.** 41262 **/R&DM** **dtd.** 01 NOV 2025

Copy forwarded to Works Department for information and necessary action.

Sd/- 01/11/25

Under Secretary to Government

**Memo No.** 41263 **/R&DM** **dtd.** 01 NOV 2025

Copy forwarded to RDC (ND), Sambalpur / Collector, Balangir / L.A.O., Balangir for information and necessary action.

Sd/- 01/11/25

Under Secretary to Government

**Memo No.** 41264 **/R&DM** dtd. 01 NOV 2025

Copy forwarded to the Coordinator, State SIA Unit, Nabakrushna Choudhury Centre for Development Studies, Bhubaneswar-751013 for information and necessary action.

Sd/- 01/11/25

Under Secretary to Government

**Memo No.** 41265 **/R&DM** dtd. 01 NOV 2025

Copy forwarded to the e-Governance Cell, Revenue & DM Department with a request to upload the SIA Declaration in this Department website for information of General Public.

Sd/- 01/11/25

Under Secretary to Government

# ଖତିୟାନ କପି

ଜିଲ୍ଲା - ବଲାଙ୍ଗିର, ତହସିଲ - ବଲାଙ୍ଗିର, ରାଜସ୍ୱ ସର୍କଲ- ବଲାଙ୍ଗିର,

ମୌଜା- ବଲାଙ୍ଗିର "କ", ଥାନା- ବଲାଙ୍ଗିର, ଥାନା ନଂ.- ୧୫୨,

| କ୍ର.ନଂ | ଖତିୟାନ ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା (ଏକର ପ୍ରତି) | ପ୍ରଜାଙ୍କ ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧. | ୬୩୦<br>୧୨୬୧ | ୧୯୮୩ | ବାହାଲ ମାମୁଲି | ୦.୧୩୯ | ୦.୦୬୮ | ହେମନ୍ତ କୁମାର ପୁରୋହିତ,<br>ରାମଚନ୍ଦ୍ର ପୁରୋହିତ,<br>ଲକ୍ଷ୍ମଣ କୁମାର ପୁରୋହିତ,<br>ସନ୍ତୋଷ କୁମାର ପୁରୋହିତ,<br>ପିତା- ସଚ୍ଚିଦାନନ୍ଦ ପୁରୋହିତ,<br>ଜାତି- ବ୍ରାହ୍ମଣ, ବା- ବଲାଙ୍ଗିର<br>ଗାନ୍ଧିନଗର ପଡା |
| | | | | ମୋଟ ଅର୍ଜନ ରକବା | ୦.୦୬୮ | |

LARRMS Portal ଜରିଆରେ ଦିଆଯାଇଥିବା ସର୍ବମୋଟ ୧୦ (ଦଶ) ଗୋଟି ପ୍ଲଟ ରୁ ରକବା ଏ.୧.୧୬୬ ଡି. ମଧ୍ୟରୁ ୦୯ ଗୋଟି ପ୍ଲଟ ରୁ ରକବା ଏ.୧.୦୮୮ ଡି. ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ ସିଧାସଳଖ କ୍ରୟ କରାଯାଇଥିବାରୁ ସେଗୁଡିକୁ ଏଥିରୁ ବାଦ୍ ଦିଆଗଲା ।

17/9/25
Junior Engineer
Balangir R&B Section-V

17/09/25
Asst. Executive Engineer
Balangir (R&B) Sub-Division-I

18/9/25
Superintending Engineer
Balangir (R&B) Division

26/09/25
R.I.L.A. Section
Balangir

29/09/2025
Land Acquisition Officer
Collectorate, Balangir

# ଖତିୟାନ କପି

ଜିଲ୍ଲା - ବଲାଙ୍ଗିର, ତହସିଲ - ବଲାଙ୍ଗିର, ରାଜସ୍ୱ ସର୍କଲ - ବଲାଙ୍ଗିର,

ମୌଜା- ସାଲେପାଲି, ଥାନା- ବଲାଙ୍ଗିର, ଥାନା ନଂ.-୧୪୯,

| କ୍ର.ନଂ | ଖତିୟାନ ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା (ଏକର ପ୍ରତି) | ପ୍ରଜାଙ୍କ ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧. | ୧୧୫୬<br>୨୯୧୮ | ୨୨୪୮/୩୩୫୬<br>୫୬୩୯ | ଘରବାରି ଏକ | ୦.୦୮୩ | ୦.୦୧୩ | ବସନ୍ତ କୁମାର ବରାଲ, ପିତା- ସୁଦର୍ଶନ ବରାଲ, ଦିପ୍ତିରେଖା ବରାଲ, ସ୍ୱାମି- ବସନ୍ତ କୁମାର ବରାଲ, ଜାତି- ଖଣ୍ଡାୟତ, ବା- ରେଲୱେ କଲୋନୀ, ବଲାଙ୍ଗିର |
| ୨. | ୧୧୫୭<br>୩୯୪ | ୨୨୪୧<br>୩୩୩୦ | ଘରବାରି | ୦.୧୮୪ | ୦.୧୮୪ | ଗଣପତି ମହାନନ୍ଦ, ପିତା-ରାମ ମହାନନ୍ଦ, ଜାତି- ଗଣ୍ଡା, ବା- ସାଲେପାଲି, |
| | | | | ମୋଟ ଅର୍ଜନ ରକବା | ୦.୧୯୭ | |

LARRMS Portal ଜରିଆରେ ଦିଆଯାଇଥିବା ସର୍ବମୋଟ ୨୦ (କୋଡିଏ) ଗୋଟି ପ୍ଲଟ ରୁ ରକବା ଏ.୧.୦୮୭ ଡି. ମଧ୍ୟରୁ ୧୮ ଗୋଟି ପ୍ଲଟ ରୁ ରକବା ଏ.୦.୮୯୦ ଡି. ଦ୍ୱିପାକ୍ଷିକ ବୁଝାମଣା ମାଧ୍ୟମରେ ସିଧାସଳଖ କ୍ରୟ କରାଯାଇଥିବାରୁ ସେଗୁଡିକୁ ଏଥିରୁ ବାଦ୍ ଦିଆଗଲା।

17/7/25
Junior Engineer
Balangir R&B Section-V

17/07/25
Asst. Executive Engineer
Balangir (R&B) Sub-Division-I

Superintending Engineer
Balangir (R&B) Division

21/07/25
R.I.L.A. Section
Balangir

26/07/2025
Land Acquisition Officer
Collectorate, Balangir